भारतीय प्रौद्योगिकी संस्थान भुवनेश्वर
**Indian Institute of Technology Bhubaneswar**

**Press Release**

# ଆଇଆଇଟି ଭୁବନେଶ୍ୱରରେ ସମନ୍ୱିତ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ (ଆଇଟିଇପି)ର ପ୍ରଥମ ବ୍ୟାଚ୍ ଆରମ୍ଭ

- **ନ୍ୟାସନାଲ୍ କମନ୍ ଏଣ୍ଟ୍ରାନ୍ସ ଟେଷ୍ଟ୍ ଦ୍ୱାରା ଛାତ୍ରଛାତ୍ରୀ ଚୟନ**
- **ଅକ୍ଟୋବର୍ ୧୭ ତାରିଖରୁ ସକ୍ରିୟ ଶିକ୍ଷା ପରିବେଶରେ ଏହି କାର୍ଯ୍ୟକ୍ରମ ଅଧୀନରେ କ୍ଲାସ୍‌ର ପ୍ରାରମ୍ଭ ହୋଇଛି, ଯାହାକି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଯୋଗାଯୋଗ, ସହଯୋଗ ଏବଂ ସମାଲୋଚନାଧର୍ମୀ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବ**
- **ଛାତ୍ରଛାତ୍ରୀ, ଅଭିଭାବକ ଏବଂ ପାଠ୍ୟକ୍ରମର ଫାକଲ୍ଟିମାନଙ୍କ ନିମନ୍ତେ ପୃଥକ୍ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଆୟୋଜିତ**

**ଭୁବନେଶ୍ୱର, ୧୭ ଅକ୍ଟୋବର୍ ୨୦୨୩:** ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ପକ୍ଷରୁ ଉଲ୍ଲେଖନୀୟ ଶିକ୍ଷକ ନିର୍ମାଣ ତଥା ଭାରତର ଶିକ୍ଷା ବ୍ୟବସ୍ଥାର ଗୁଣାତ୍ମକ ମାନ ବୃଦ୍ଧି ଦିଗରେ ଏହାର ନୂତନ ପଦକ୍ଷେପ କ୍ରମେ ଶିକ୍ଷାବର୍ଷ ୨୦୨୩-୨୪ରୁ ଏକ ୪-ବର୍ଷିଆ ବି.ଏସ୍‌ସି-ବି.ଇଡି ସମନ୍ୱିତ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ (ଇଣ୍ଟିଗ୍ରେଟେଡ୍ ଟିଚର୍ ଜେୁକେସନ୍ ପ୍ରୋଗ୍ରାମ୍-ଆଇଟିଇପି) ଆରମ୍ଭ କରାଯାଇଛି। ଦେଶର ବିଭିନ୍ନ ରାଜ୍ୟର ୫୦ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଏହି କାର୍ଯ୍ୟକ୍ରମର ପ୍ରଥମ ବ୍ୟାଚ୍‌ର କ୍ଲାସ୍ ୧୭ ଅକ୍ଟୋବର୍ ୨୦୨୩ରୁ ପ୍ରାରମ୍ଭ ହୋଇଛି। ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ଆୟୋଜିତ ନ୍ୟାସନାଲ୍ କମନ୍ ଏଣ୍ଟ୍ରାନ୍ସ ଟେଷ୍ଟ୍ (ଏନ୍‌ସିଇଟି) ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ଚୟନ କରାଯାଇଥିଲା।

ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିବା ୨ଟି ଆଇଆଇଟି (ଆଇଆଇଟି ଖଡ଼ଗପୁର ସମେତ) ମଧ୍ୟରେ ଆଇଆଇଟି ଭୁବନେଶ୍ୱର ଅନ୍ୟତମ। ପ୍ରତିଷ୍ଠାନ ପକ୍ଷରୁ ପଦାର୍ଥବିଜ୍ଞାନ, ରସାୟନବିଜ୍ଞାନ, ଗଣିତ ଏବଂ ଅର୍ଥନୀତି ବିଷୟରେ ଶିକ୍ଷାରେ ସ୍ନାତକ (ବି.ଇଡି) ସହ ବିଜ୍ଞାନରେ ସ୍ନାତକ (ବି.ଏସ୍‌ସି) ଡିଗ୍ରୀ ପ୍ରଦାନ କରାଯାଉଛି। ଏହି ପାଠ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନେ ସାଂପ୍ରତିକ ବ୍ୟବସ୍ଥା ଅନୁଯାୟୀ ପାରମ୍ପରିକ ୫-ବର୍ଷିଆ ବି.ଇଡି. ଶିକ୍ଷା ପରିବର୍ତ୍ତେ ୪ ବର୍ଷ ସମୟସୀମାରେ ନିଜର ଡିଗ୍ରୀ ହାସଲ କରିପାରିବେ।

ଏହି ନୂତନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ଫଳପ୍ରଦତାକୁ ଅଧିକ ବ୍ୟାପକ କରିବା ଉଦ୍ଦେଶ୍ୟରେ ଛାତ୍ରଛାତ୍ରୀ, ସେମାନଙ୍କ ଅଭିଭାବକ ତଥା ଏହି ପାଠ୍ୟକ୍ରମରେ ସଂଲଗ୍ନ ଅଧ୍ୟାପକବୃନ୍ଦଙ୍କ ପାଇଁ ପୃଥକ୍ ଆଲୋଚନାଭିତ୍ତିକ ଓରିଏଣ୍ଟେସେନ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର୍ ଶ୍ରୀପାଦ କର୍ମାଲକରଙ୍କ ସହ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ବିହାରର ପୂର୍ବତନ କୁଳାଧିପତି ପ୍ରଫେସର୍ ହରିଶ ଚନ୍ଦ୍ର ସିଂ ରାଥୋଡ ଏବଂ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱରର ପ୍ରିନ୍ସିପାଲ୍ ପ୍ରଫେସର୍ ପ୍ରକାଶ ଚନ୍ଦ୍ର ଅଗରୱାଲ ଭଳି ବିଶେଷଜ୍ଞମାନେ ଏହି କାର୍ଯ୍ୟକ୍ରମର ବୈଶିଷ୍ଟ୍ୟ ବିଷୟରେ ଉଲ୍ଲେଖ କରିଥିଲେ। ଆଇଟିଇପିର ସଂଯୋଜକବୃନ୍ଦ- ସ୍କୁଲ୍ ଅଫ୍ ବେସିକ୍ ସାଇନ୍ସେସ୍‌ର ମୁଖ୍ୟ ଡଃ ରାଜନ ଝା, ଓ ସ୍କୁଲ୍ ଅଫ୍ ହ୍ୟୁମାନିଟିଜ୍, ସୋସିଆଲ୍ ସାଇନ୍ସେସ୍ ଆଣ୍ଡ୍ ମ୍ୟାନେଜ୍‌ମେଣ୍ଟ୍‌ର ମୁଖ୍ୟ ଡଃ ଦୁଃଖବନ୍ଧୁ ସାହୁ ତଥା ପ୍ରତିଷ୍ଠାନର ବିଭିନ୍ନ ଡିନ୍ – ଡିନ୍ (ଷ୍ଟୁଡେଣ୍ଟ୍ ଆଫେୟାର୍ସ) ଡଃ ରାଜେଶ ରୋଶନ ଦାଶ ଏବଂ ଡିନ୍ (ଅଣ୍ଡର୍ ଗ୍ରାଜୁଏଟ୍ ପ୍ରୋଗ୍ରାମ୍) ଡଃ ଶାନ୍ତନୁ ପାଲଙ୍କ ସହ ମିଳିତ ଭାବେ ବିଶେଷଜ୍ଞମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ।

ଏହି ଓରିଏଣ୍ଟେସେନ୍ କାର୍ଯ୍ୟକ୍ରମ ସକ୍ରିୟ ଶିକ୍ଷା ଶ୍ରେଣୀଗୃହ (ଆକ୍ଟିଭ୍ ଲର୍ଣ୍ଣିଂ କ୍ଲାସ୍‌ରୁମ୍) ଅନୁଷ୍ଠିତ ହୋଇଥିଲା ଯେଉଁଥିରେ କି ଅଂଶଗ୍ରହଣକାରୀମାନେ ତିନିଜଣିଆ ଦଳରେ ରାଉଣ୍ଡ୍ ଟେବୁଲ୍‌ରେ ବସି ମତାମତ ବିନିମୟ କରିଥିଲେ। ଏହି ଅବସରରେ ଉଦ୍‌ବୋଧନ ଦେଇ ପ୍ରଫେସର୍ କର୍ମାଲକର ଉଲ୍ଲେଖ କରିଥିଲେ ଯେ ଆଟିଇପିର ଛାତ୍ରଛାତ୍ରୀମାନେ ପ୍ରତିଷ୍ଠାନର ଏଭଳି ପ୍ରଥମ ବ୍ୟାଚ୍ ଯେଉଁମାନେ କି ସେମାନଙ୍କ ସମଗ୍ର ପାଠ୍ୟକ୍ରମ ଏଭଳି ସକ୍ରିୟ ଶିକ୍ଷାଦାନ ପରିବେଶରେ ସମ୍ପନ୍ନ କରିବେ। ଏହା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଯୋଗାଯୋଗ, ସହଯୋଗ ଏବଂ ସମାଲୋଚନାଧର୍ମୀ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବ ଯାହାକି ଶିକ୍ଷା ସମେତ ବିଭିନ୍ନ ବୃତ୍ତି ପାଇଁ ନିତାନ୍ତ ଆବଶ୍ୟକୀୟ। ଆହୁରି ମଧ୍ୟ, ଅନ୍ୟ ପାଠ୍ୟକ୍ରମର ଛାତ୍ରଛାତ୍ରୀମାନଙ୍କ ତୁଳନାରେ ଆଇଟିଇପିର ଛାତ୍ରଛାତ୍ରୀମାନଙ୍କ ମୂଲ୍ୟାୟନରେ ପ୍ରତି ବିଷୟବସ୍ତୁର ଶିକ୍ଷାଦାନ କୌଶଳ ଓ ଦକ୍ଷତାର ପ୍ରଦର୍ଶନ ଅନ୍ତର୍ଭୁକ୍ତ ହେବ। ସେ ଆହୁରି ମଧ୍ୟ ଉଲ୍ଲେଖ କରିଥିଲେ ଯେ କୌଣସି ସଂରକ୍ଷଣ ବ୍ୟବସ୍ଥା ବିନା ମଧ୍ୟ ଆଇଟିଇପି କାର୍ଯ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଛାତ୍ରୀଙ୍କ ସଂଖ୍ୟା ଅଧିକ।

ଏହି ଓରିଏଣ୍ଟେସନ୍ କାର୍ଯ୍ୟକ୍ରମରେ ଆଲୋଚିତ ଏବଂ ସମାହିତ କେତେକ ପ୍ରମୁଖ ପ୍ରଶ୍ନ ହେଉଛି :

୧. **ଆଇଟିଇପି ଛାତ୍ରଛାତ୍ରୀମାନଙ୍କ ପାଇଁ ଗବେଷଣା ଓ ବିକାଶ କ୍ଷେତ୍ରରେ ସୁଯୋଗ:** ଯଦିଓ ଆଇଟିଇପି କାର୍ଯ୍ୟକ୍ରମଟି ଉଲ୍ଲେଖନୀୟ ଶିକ୍ଷକ ନିର୍ମାଣ ପାଇଁ ଉଦ୍ଦିଷ୍ଟ ଓ ବିକଶିତ, ଏହି କାର୍ଯ୍ୟକ୍ରମରେ ଶିକ୍ଷା ଲାଭ କରିଥିବା ଛାତ୍ରଛାତ୍ରୀମାନେ ଅନ୍ୟ ଛାତ୍ରଛାତ୍ରୀଙ୍କ ଭଳି ଗବେଷଣା ଓ ବିକାଶ କ୍ଷେତ୍ରରେ ମଧ୍ୟ କାର୍ଯ୍ୟ କରିପାରିବେ। ସାଂପ୍ରତିକ ନିୟମାନୁଯାୟୀ, ପିଏଚ୍‌ଡି ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବାକୁ ପଡିବ। ଏହି ପାଠ୍ୟକ୍ରମରେ ୧୬ କ୍ରେଡିଟ୍‌ର କୋର୍ସୱାର୍କ୍ ସାମିଲ୍ କରି ଏହାକୁ ଏକ ଆଇଟିଇପି ଅନର୍ସ୍ ଡିଗ୍ରୀ ଭାବେ ରୂପାନ୍ତରିତ କରିବାକୁ ଅନେକ ଅଭିଭାବକ ପରାମର୍ଶ ଦେଇଥିଲେ, ଯଦ୍ୱାରା ଛାତ୍ରଛାତ୍ରୀମାନେ ଚାହିଁଲେ ସିଧାସଳଖ ପିଏଚ୍‌ଡି ପାଠ୍ୟକ୍ରମରେ ନାମ ଲେଖାଇପାରିବେ।

୨. **ଆନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ଲାଭ:** ଭାରତର ଅନ୍ୟ ଯେକୌଣସି ପାଠ୍ୟକ୍ରମ ଭଳି ଏହି ପାଠ୍ୟକ୍ରମ ମଧ୍ୟ ଛାତ୍ରଛାତ୍ରୀମାନଙ୍କୁ ପ୍ରଯୁଜ୍ୟ ଡିଗ୍ରୀ, ଏକାଡେମିକ୍ କ୍ରେଡିଟ୍ ଏବଂ ଜ୍ଞାନକୌଶଳ ପ୍ରଦାନ କରିବ ଯାହାକି କୌଣସି ଆନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ଲାଭ ପାଇଁ ସେମାନଙ୍କୁ ଯୋଗ୍ୟ ସାବ୍ୟସ୍ତ କରିପାରିବ। ମାତ୍ର, ନିଜର ଇଚ୍ଛାମୁତାବକ ପାଠ୍ୟକ୍ରମ/ଶିକ୍ଷାନୁଷ୍ଠାନ/ ବିଶ୍ୱବିଦ୍ୟାଳୟରେ ଆବେଦନ ଏବଂ ନାମ ଲେଖାଇବା ପାଇଁ ସେମାନଙ୍କୁ ଆବଶ୍ୟକୀୟ ନିୟମିତ ପ୍ରକ୍ରିୟା ଓ ପଦ୍ଧତି ଅବଲମ୍ବନ କରିବାକୁ ହେବ। ଆଇଆଇଟିର ଛାତ୍ରଛାତ୍ରୀଭାବେ ସେମାନେ ଅବଶ୍ୟ ବିଶ୍ୱସ୍ତରୀୟ ମାନ୍ୟତା ହାସଲ କରିବେ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ଅଧିନସ୍ଥ ରାଷ୍ଟ୍ରୀୟ ଅଧ୍ୟାପକ ଶିକ୍ଷା ପରିଷଦ (ନ୍ୟାସନାଲ୍ କାଉନ୍ସିଲ୍ ଫର୍ ଟିଚର୍ ଏଜୁକେସନ୍-ଏନ୍‌ସିଟିଇ) ଦ୍ୱାରା ପ୍ରଚଳନ ହୋଇଥିବା ଆଇଟିଇପି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଯାହା ବିଦ୍ୟାଳୟ ସ୍ତରରେ ଉଚ୍ଚମାନର ଶିକ୍ଷକମାନଙ୍କ ପ୍ରବେଶକୁ ସୁନିଶ୍ଚିତ କରିବ।  ଯେକୌଣସି ବିଭାଗ (ବିଜ୍ଞାନ/କଳା/ବାଣିଜ୍ୟ/ଅନ୍ୟ) ରେ ଉଚ୍ଚ ମାଧ୍ୟମିକ (ଯୁକ୍ତ-୨) ପରୀକ୍ଷାରେ ଉତ୍ତୀର୍ଣ୍ଣ ସମସ୍ତ ଛାତ୍ରଛାତ୍ରୀ, ଯେଉଁମାନେ କି ଶିକ୍ଷାଦାନକୁ ନିଜର ବୃତ୍ତି ଭାବେ ଗ୍ରହଣ କରିବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ ଆଇଟିଇପି ଉପଲବ୍ଧ। ଆଇଟିଇପିର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଭବିଷ୍ୟତର ଶିକ୍ଷକମାନଙ୍କୁ ଆବଶ୍ୟକୀୟ ଜ୍ଞାନକୌଶଳରେ ସମୃଦ୍ଧ କରିବା ଯଦ୍ୱାରା କି ସେମାନେ ଆନୁଷ୍ଠାନିକ ଶିକ୍ଷାବ୍ୟବସ୍ଥାର ବିଭିନ୍ନ ସ୍ତରରେ ଛାତ୍ରଛାତ୍ରୀମାନଙ୍କୁ ଜାତୀୟ ଶିକ୍ଷାନୀତି-୨୦୨୦ରେ ଉଲ୍ଲିଖିତ ସଂଶୋଧିତ ଶିକ୍ଷାଭିତ୍ତିକ ଢାଞ୍ଚା ଅନୁଯାୟୀ ଶିକ୍ଷାପ୍ରଦାନ କରିପାରିବେ। ଏହି ପାଠ୍ୟକ୍ରମରେ ଶିକ୍ଷାଲାଭ କରୁଥିବା ଛାତ୍ରଛାତ୍ରୀମାନେ ଭାରତୀୟ ସଂସ୍କୃତି, ଭାଷା, ବିଜ୍ଞାନ, ମୂଲ୍ୟବୋଧ, ଆଦିବାସୀ ପରମ୍ପରା ବିଷୟରେ ଜ୍ଞାନ ଲାଭ କରିବା ସହ ଆଧୁନିକ ଶିକ୍ଷା ଏବଂ ଶିକ୍ଷାଦାନ କୌଶଳରେ ସମୃଦ୍ଧ ହୋଇପାରିବେ।

ଆଇଆଇଟି ଭୁବନେଶ୍ୱରରେ ପ୍ରଦତ୍ତ ଆଇଟିଇପି ପାଠ୍ୟକ୍ରମ ଅଧିନରେ ପ୍ରମୁଖ ବିଷୟବସ୍ତୁ ବ୍ୟତୀତ ଛାତ୍ରଛାତ୍ରୀମାନେ କଳା ଶିକ୍ଷା, ସଂସ୍କୃତ ଭାଷା ଏବଂ ଯୋଗ ଭଳି ବିଷୟରେ ମଧ୍ୟ ଶିକ୍ଷାଲାଭ କରିବାର ବ୍ୟବସ୍ଥା ରହିଛି। ଏହି କାର୍ଯ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନେ ଏକ ଉତ୍କୃଷ୍ଟ ଶିକ୍ଷାଭିତ୍ତିକ ପରିବେଶ, ଗବେଷଣାର ସୁଯୋଗ ସହ ଏକ ଜୀବନ୍ତ ଓ ମନୋରମ କ୍ୟାମ୍ପସ୍ ଜୀବନର ସୁବିଧା ହାସଲ କରିପାରିବେ।